# ତହସିଲଦାରଙ୍କ କାର୍ଯ୍ୟାଳୟ ଥୁଆମୂଳ ରାମପୁର

ରେ.ମି. କେସ ନଂ. **୩୦/୨୦୨୪** ପ୍ରୋସେସ ନଂ ................................./

**ଇସ୍ତାହାର**

ଏତତଦ୍ୱାରା ମୌଜା **ଚିରକେଲଗୁଡା** ଥାନା-ଥୁଆମୂଳ ରାମପୁର ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ଜଙ୍ଗଲ କିସମ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ହେତୁ ସମାନୁପାତିକ ଜମି ଭରଣ କରିବା ପାଇଁ ମୌଜା **ଚିରକେଲଗୁଡା ଗ୍ରାମସ୍ଥ** ନିମ୍ନ ତଫସିଲ ଜମିକୁ ଆବାଦ ଅଯୋଗ୍ୟ ଅନାବାଦି (AAA) ଖାତାରୁ ଆବାଦ ଯୋଗ୍ୟ ଅନାବାଦି (AJA) ଖାତାରେ ସାମିଲ କଲାପରେ ଜଙ୍ଗଲ ଓ ପରିବେଶ ବିଭାଗ ଓଡିଶା ସରକାର ମାର୍ଫତ ବନଖଣ୍ଡ ଅଧିକାରୀ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡ, ଭବାନିପାଟଣାଙ୍କ ନାମରେ ବନୀକରଣ ନିମନ୍ତେ ହସ୍ତାନ୍ତର କରିବା ପାଇଁ ସ୍ଥିରୀକୃତ ହୋଇଅଛି ।

ଏଣୁ ନିମ୍ନ ତଫସିଲ ଭୁକ୍ତ ଜମି ହସ୍ତାନ୍ତର କରିବାରେ ଯଦି କାହାର କୌଣଷି ଆପତ୍ତି ଅଭିଯୋଗ ଥାଏ, ତାହାହେଲେ ଏହି ଇସ୍ତିହାର ପ୍ରକାଶ ପାଇବାର **15 ( ପନ୍ଦର)** ଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୈଣସି କାର୍ଯ୍ୟ ଦିବସରେ **ଟ. 20.00 ଟଙ୍କା** କୋର୍ଟ ଫିଜ ସହିତ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରି ପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**Land schedule**

| ମୌଜା | ଖାତା ନଂ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ପ୍ରସ୍ତାବିତ ରକବା (ଏ କର) |
|---|---|---|---|---|---|
| ଚିରକେଲଗୁଡା | ୨୩ ଅବାଦ ଅଯୋଗ୍ୟ ଅନାବାଦି | ଡଙ୍ଗର | ୯୭ | ୩୪.୭୨ | ୧୮.୧୩୫ |
| ମୋଟ | | | ୦୧ ପ୍ଲଟ | | ଏ. ୧୮.୧୩୫ବା ହେ. ୭.୩୩୯ |

ତହସିଲଦାର ଥୁଆମୂଳ ରାମପୁର

ଜ୍ଞାପକ ସଂଖ୍ୟା ....2262.......... ତାରିଖ ....17.12.2024....

ଏହାର ଏକକିତା ନକଲ ମୌଜା **ଚିରକେଲଗୁଡା** ପ୍ରକାଶ୍ୟ ସ୍ଥାନରେ ଡେଙ୍ଗୁରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସଂପୃକ୍ତ ରାଜସ୍ୱ ନିରିକ୍ଷକ, **ଥୁଆମୂଳ ରମପୁର**/ ସଂପୃକ୍ତ ସରପଞ୍ଚ, **ଥୁଆମୂଳ ରମପୁର** / ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ରେ ସର୍ବସାଧାରଣ ଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ NIC, କଳାହାଣ୍ଡି ୱେବ ସାଇଟରେ ଅପଲୋଡ କରିବାକୁ ପ୍ରେରଣ କରାଗଲା ।

ତହସିଲଦାର ଥୁଆମୂଳ ରାମପୁର